# କ୍ଷତିପୂରଣ ଦାବିରେ ୬ ଘଣ୍ଟା ରାସ୍ତା ଅବରୋଧ

**■ବିଦ୍ୟୁତ୍ ଆଘାତରେ ୩ ଦଣ୍ଡୁଆଙ୍କ ମୃତ୍ୟୁ ଘଟଣା**

**■୪ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ**

ସାତମାଇଲ,୧୩।୪ (ସୁଶାନ୍ତ ପତି)

ଦଣ୍ଡନାଚ ପାଇଁ ଷ୍ଟେଜ୍ ସାଜସଜ୍ଜାବେଳେ ରବିବାର ବିଦ୍ୟୁତ୍ ଆଘାତରେ ୩ ଯୁବକଙ୍କ ମୃତ୍ୟୁ ଘଟଣାରେ କ୍ଷତିପୂରଣ ଦାବି କରି ସୋମବାର ଢେଙ୍କାନାଳ ଜିଲା ପାଟଳା ଗ୍ରାମବାସୀ ପୁରୁଣା କଟକ-ସମ୍ବଲପୁର ରାସ୍ତାକୁ ସାତମାଇଲଠାରେ ଅବରୋଧ କରିଥିଲେ। ସକାଳ ୮ଟାରୁ ଦୀର୍ଘ ୬ ଘଣ୍ଟା ଧରି ଏହି ରାସ୍ତାରୋକୋ କରାଯାଇଥିଲା। କ୍ଷତିପୂରଣ ପ୍ରତିଶ୍ରୁତି ପାଇବା ପରେ ଆନ୍ଦୋଳନ ହଟିଥିଲା।


ଆନ୍ଦୋଳନସ୍ଥଳରେ ବିଧାୟିକା ସୀମାରାଣୀ ନାୟକ ପହଞ୍ଚି ଆଲୋଚନା କରୁଛନ୍ତି।

ପ୍ରକାଶ ଯେ, ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ବାଲିମି ଥାନା ପାଟଳା ଗ୍ରାମର ସୁଧାକର ସାହୁ, ଲକ୍ଷ୍ମୀଧର ସାହୁ ଓ ମୋଟଙ୍ଗା ଥାନା ବିଡୋ ଗ୍ରାମର ମିଳନ ମହାଳିକଙ୍କ ମୃତ୍ୟୁ ହୋଇଥିଲା। ପାଟଳା ଗ୍ରାମର ପ୍ରଫୁଲ୍ଲ ତରାଇ ଓ ନିର୍ମଳ ସାହୁ କଟକରେ ଚିକିତ୍ସାଧୀନ ଅଛନ୍ତି। ପୂର୍ବତନ ଏମ୍‌ପି ମହେଶ ସାହୁ ପହଞ୍ଚି ଆନ୍ଦୋଳନରେ ସାମିଲ ହୋଇଥିଲେ। ବାଲିମୀ ଥାନାଧିକାରୀ ଚାରୁଲତା ବେହେରା, ରାସୋଳ ଥାନାଧିକାରୀ ବିଶ୍ୱରଞ୍ଜନ ମହାନ୍ତି, ମୋଟଙ୍ଗା ଥାନାଧିକାରୀ ଦୀପକ ଲେଙ୍କା ଓ ହିନ୍ଦୋଳ ଏସ୍‌ଡିପିଓ ସତ୍ୟ କୁମାର ନନ୍ଦ, ତହସିଲଦାର ଦିଲୀପ କୁମାର ସେଠୀ, ଉପଜିଲାପାଳ ପ୍ରଭାସ କୁମାର ବେହୁରା ପ୍ରମୁଖ ଲୋକଙ୍କୁ ବୁଝାଶୁଝା କରିଥିଲେ। ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ପହଞ୍ଚି ଆଲୋଚନା କରି ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ଡାକି ସମସ୍ତ ପ୍ରକାର ସହଯୋଗ ସହ କ୍ଷତିପୂରଣ ଦେବାକୁ ଆଲୋଚନା କରିଥିଲେ। ଏ ନେଇ ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ହଟିଥିଲା। ସରକାରଙ୍କ ପକ୍ଷରୁ ୪ ଲକ୍ଷ, ରେଡ୍‌କ୍ରସ୍‌ରୁ ଉପଜିଲାପାଳଙ୍କ ଦ୍ୱାରା ୫୦ ହଜାର, ବିଦ୍ୟୁତ୍ ବିଭାଗ ପକ୍ଷରୁ ୫୦ ହଜାର, ବିଧାୟିକାଙ୍କ ତରଫରୁ ୨୦ ହଜାର, ଜନମଙ୍ଗଳ ଯୋଜନାରୁ ୨୦ ହଜାର ଓ ସ୍ଥାନୀୟ ସରପଞ୍ଚଙ୍କ ଦ୍ୱାରା ୧୦ ହଜାର, ଏପରି ଭାବେ ମୋଟ ୫ଲକ୍ଷ ୫୦ ହଜାର ଟଙ୍କା ଲେଖାଏ କ୍ଷତିପୂରଣ ତଦନ୍ତ ପରେ ଯୋଗାଇବା ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୃତକଙ୍କ ପରିବାରକୁ ସମବେଦନା ଜଣାଯିବା ସହ ୪ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ପ୍ରଦାନ କରାଯିବ ବୋଲି ଟୁଇଟ୍ ଯୋଗେ ଘୋଷଣା କରିଥିଲେ। କଟକ ବଡ଼ ଡାକ୍ତରଖାନାରେ ୨ ଆହାତଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବାବେଳେ ଅନୁଗୋଳ ସରକାରୀ ଡାକ୍ତରଖାନାରେ ମୃତ ୩ଜଣଙ୍କ ବ୍ୟବଚ୍ଛେଦ ପରେ ମୃତଦେହ ଗ୍ରାମ ଶ୍ମଶାନରେ ସଂସ୍କାର କରାଯାଇଥିଲା। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପାଇଁ ଜମି ଅଧିଗ୍ରହଣ

ଗଁଦିଆ,୧୩।୪(ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ଜିଲା ଗଁଦିଆ ତହସିଲ ବିଧାରପୁର ଠାରେ ହେବାକୁଥିବା ସ୍ୱାସ୍ଥ୍ୟ ଉପକେନ୍ଦ୍ର ତଥା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପାଇଁ ଜାଗା ଚିହ୍ନଟ ହୋଇଥିବାବେଳେ ଉକ୍ତ ସରକାରୀ ଜାଗାରେ ଦୀର୍ଘବର୍ଷ ଧରି ଗଢି ଉଠିଥିବା ଦୋକାନ ବଜାରକୁ ସୋମବାର ଉଚ୍ଛେଦ କରାଯାଇଛି। ଗଁଦିଆ ଅତିରିକ୍ତ ତହସିଲଦାର ସୌଭାଗ୍ୟ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ବିଧାରପୁର ରାଜସ୍ୱ ନିରୀକ୍ଷକ ପ୍ରଦୀପ କୁମାର ବିଶ୍ୱାଳ, ଅମିନ ଗୌତମ ବେହେରା ଓ ୨ ସୁପରଭାଇଜର ନିଭାଶ୍ରୀ ଦାସ ଓ ମମତା ନାୟକ ପ୍ରମୁଖ ଉଚ୍ଛେଦ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଗଁଦିଆ ଥାନା ଅଧିକାରୀ ପ୍ରତାପ ଚନ୍ଦ୍ର ଦଳେଇଙ୍କ ନେତୃତ୍ୱରେ ଏସ୍‌ଆଇ ମୋହନ ମୁର୍ମୁ, ସୁଶ୍ରୀ ଆୟୁସି, ଏଏସ୍‌ଆଇ ସୁକାନ୍ତି ସାହୁ, ପ୍ରଭାତ ନାୟକ, କନଷ୍ଟେବଲ ସୁରେଶ ସାହୁ, ସ୍ମୃତି ରଞ୍ଜନ ସାହୁ, ପାସନ ଭୂୟାଁ, ନିରାକାର ନାୟକ ଓ ତ୍ରିନାଥ ପ୍ରଧାନଙ୍କ ସମେତ ୨ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ବିଦ୍ୟୁତ୍ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଏହି ଜବରଦଖଲ ଉଚ୍ଛେଦ ପାଇଁ ପୂର୍ବରୁ ବହୁବାର ନୋଟିସ ହୋଇଥିଲେ ମଧ୍ୟ ଜବରଦଖଲକାରୀମାନେ ନୋଟିସ୍‌କୁ ଅଣଦେଖା କରୁଥିଲେ। ଉକ୍ତ ଜାଗାରେ ସ୍ୱାସ୍ଥ୍ୟ ଉପକେନ୍ଦ୍ର ସ୍ଥାପନ ହେବା ସହିତ ସ୍ଥାନୀୟ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ ସେବା ଦିଆଯାଇପାରିବ। ଆଗାମୀ ଦିନରେ ବାକିଥିବା ଦୋକାନ ସବୁ ଉଚ୍ଛେଦ ହେବ ବୋଲି ଅତିରିକ୍ତ ତହସିଲଦାର ସୌଭାଗ୍ୟ କୁମାର ମହାନ୍ତି ପ୍ରକାଶ କରିଛନ୍ତି।


ବିଧାରପୁର ଛକରେ ଜବରଦଖଲ ଉଚ୍ଛେଦ କରାଯାଉଛି।

# ସଂରକ୍ଷିତ ଜଙ୍ଗଲରେ ପଶି ମାଟି ଖୋଳାକୁ ବିରୋଧ

ତାଳଚେର,୧୩।୪(ମନୋଜ ନନ୍ଦ)

ତାଳଚେର ଫରେଷ୍ଟ ରେଞ୍ଜ ଅଧୀନ କଣିହାଁ ବ୍ଲକ ତେଣ୍ଟେଇବେରେଣୀ-ଭାଗୀରଥିପୁର ଗ୍ରାମବାସୀଙ୍କ ଦ୍ୱାରା ସଂରକ୍ଷିତ ଜଙ୍ଗଲର ରକ୍ଷଣାବେକ୍ଷଣ କରାଯାଉଥିବାବେଳେ ସେଠାରେ ବଳ ପୂର୍ବକ ପଶି ମାଟି ଖୋଳାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଗ୍ରାମବାସୀ ତାଳଚେର ଉପଜିଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଉଲ୍ଲେଖ କରାଯାଇଛି, ରବିପୁର ରିଜର୍ଭ ଜଙ୍ଗଲ ମଧ୍ୟରୁ ୨ଟି ପ୍ଲଟ ଓ ରାଜସ୍ୱ ଗ୍ରାମ ଭାଗୀରଥୀପୁର ମୌଜାର କିଛି ଜାଗାକୁ ଜିଲା ଜଙ୍ଗଲ ଅଧିକାରୀଙ୍କ ଅନୁମୋଦନ କ୍ରମେ ଗ୍ରାମବାସୀ ୪୫ ବର୍ଷରୁ ଅଧିକ ହେବ ରକ୍ଷଣାବେକ୍ଷଣ କରି ଆସୁଛନ୍ତି। ହେଲେ ଗତ ୭ ତାରିଖ ରାତି ୭ଟାରେ ଅନ୍ୟ ଏକ ଗ୍ରାମର କେତେଜଣ ଲୋକ ପିସି ମେଶିନ ଓ ୨ଟି ହାଇୱା ନେଇ ଉକ୍ତ ସଂରକ୍ଷିତ ଜଙ୍ଗଲରେ ପଶି ଜଣେ ଠିକାଦାରଙ୍କ ଡ୍ରାଇଭରମାନେ ଜବରଦସ୍ତ ମାଟି ଖୋଳୁଥିବା ବେଳେ ଗ୍ରାମବାସୀ ମନା କରିଥିଲେ। ସମଲ ଥାନା ଅଧିକାରୀ ଓ ଫରେଷ୍ଟ ଅଧିକାରୀଙ୍କ ହସ୍ତକ୍ଷେପ ପରେ କାର୍ଯ୍ୟ ବନ୍ଦ ରହିଛି। କିନ୍ତୁ ଗତ ୧୨ ତାରିଖ ସକାଳେ ପୁର୍ନବାର ଅଭିଯୁକ୍ତମାନେ ମାଟି ଖୋଳୁଥିଲେ। ଗ୍ରାମବାସୀ ମେସିନ ଓ ହାଇୱାକୁ ଅଟକାଇଲେ। ସମ୍ପୃକ୍ତ ଠିକାଦାର ପହଞ୍ଚି ଜଙ୍ଗଲ ସମସ୍ୟା ସମାଧାନ ନ ହେବା ଯାଏ ମାଟି ଖୋଳିବେ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସ୍ଥାନୀୟ ପ୍ରଶାସନ କିମ୍ବା ଜଙ୍ଗଲ ବିଭାଗ ଉକ୍ତ ସମସ୍ୟା ସମାଧାନ ନ କରିବାରୁ ଏଭଳି ଘଟଣା ଘଟୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# ନାରୀଙ୍କ ସ୍ୱରକୁ ମୁକ୍ତ ଆକାଶ ପ୍ରଦାନ କରିବ


ନାରୀଶକ୍ତି ବନ୍ଦନ ଅଧିନିୟମ ଆଲୋଚନାଚକ୍ରରେ ଆଲୋଚକମାନେ।

**ନାରୀଶକ୍ତି ବନ୍ଦନ ଅଧିନିୟମ ଆଲୋଚନାଚକ୍ର**

ଢେଙ୍କାନାଳ,୧୩।୪(ରତନ ନାୟାର)

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ନୂତନ ଶୈକ୍ଷିକ ଭବନରେ ସୋମବାର ନାରୀଶକ୍ତି ବନ୍ଦନ ଅଧିନିୟମ-୨୦୨୩ ଉପରେ ଏକ ଆଲୋଚନାଚକ୍ର ତଥା ମୁକ୍ତ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ପ୍ରତିନିଧିତ୍ୱରୁ ଊର୍ଦ୍ଧ୍ୱରେ: ନାରୀଶକ୍ତି ବନ୍ଦନ ଅଧିନିୟମ-୨୦୨୩ର ସାମାଜିକ ଓ ରାଜନୈତିକ ପ୍ରଭାବର ମୂଲ୍ୟାୟନ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବରାଳ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସହକାରୀ ପ୍ରାଧ୍ୟାପକ ଡ. ଦେବରାଜ ପରିଡ଼ା ଯୋଗଦେଇ ସଂସଦ ଓ ବିଧାନସଭାରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କେବଳ ଏକ ସାମ୍ବିଧାନିକ ଆଇନ ନୁହେଁ, ବରଂ ଦଶନ୍ଧି ଧରି ଚାପିହୋଇ ରହିଥିବା ନାରୀର ସ୍ୱରକୁ ଏକ ମୁକ୍ତ ଆକାଶ ପ୍ରଦାନ କରିବାର ଯୁଗାନ୍ତକାରୀ ପଦକ୍ଷେପ ବୋଲି ମତପୋଷଣ କରିଥିଲେ। ସହକାରୀ ପ୍ରାଧ୍ୟାପକ ଅକ୍ଷୟ କୁମାର ସେଠ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ୟାନେଲିଷ୍ଟ ଭାବରେ ସହକାରୀ ପ୍ରାଧ୍ୟାପକ ଡ. ଆଶିଷ କୁମାର ଜେନା, ଡ. ସୌମ୍ୟା ନନ୍ଦ, ଡ. ଦିଲୀପ କୁମାର ମଲ୍ଲିକ ଯୋଗ ଦେଇଥିଲେ। ସ୍ମୃତି ଦାସ, ଶ୍ରଦ୍ଧେୟଲକ୍ଷ୍ମୀ ସ୍ୱାଇଁ, ସ୍ୱାଧୀନ ମଲ୍ଲିକ, ଓମ୍ ପ୍ରକାଶ ସ୍ୱାଇଁ ପ୍ରମୁଖ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ନିଜସ୍ୱ ମତ ଉପସ୍ଥାପନ କରିଥିଲେ।

# ମାରୱାଡି ମହିଳା ସମିତି ନୂତନ କର୍ମକର୍ତ୍ତାଙ୍କ ଦାୟିତ୍ୱ ଗ୍ରହଣ

ଢେଙ୍କାନାଳ,୧୩।୪(ରତନ ନାୟାର)

**ମୋନିକା ଶର୍ମା ନୂତନ ଅଧ୍ୟକ୍ଷା**

ମାରୱାଡି ମହିଳା ସମିତି ଢେଙ୍କାନାଳ ଶାଖାର ନୂତନ କର୍ମକର୍ତ୍ତାମାନେ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂତନ କର୍ମକର୍ତ୍ତା ତଥା ନବଗଠିତ କାର୍ଯ୍ୟକାରିଣୀ ଟିମ୍‌କୁ ଅନୁଷ୍ଠାନ ପକ୍ଷରୁ ଶୁଭକାମନା ଓ ଶୁଭେଚ୍ଛା ପ୍ରଦାନ କରାଯାଇଛି । ପୂର୍ବତନ ପୌରାଧ୍ୟକ୍ଷା ମୋନିକା ଶର୍ମା ସମିତିର ନୂତନ ଅଧ୍ୟକ୍ଷା ଭାବେ ଚୟନ ହୋଇ ଦାୟିତ୍ୱ ଗ୍ରହଣ କରିଥିଲେ। ସମିତିର ନୂତନ କର୍ମକର୍ତ୍ତାଙ୍କ ନେତୃତ୍ୱ, ସହଯୋଗ ଓ ସେବା ଅନୁଷ୍ଠାନକୁ ଆଗକୁ ନେବେ ବୋଲି ସଦସ୍ୟ ଓ କର୍ମକର୍ତ୍ତାମାନେ ମତବ୍ୟକ୍ତ କରିଥିଲେ। ନୂତନ ଉର୍ଜ୍ଜା, ନୂତନ ସଂକଳ୍ପ ଓ ନୂତନ ଦିଶା ନେଇ ମାରୱାଡି ମହିଳା ସମିତି ଆଗାମୀ ଦିନରେ କାର୍ଯ୍ୟ କରିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଥିଲା।


ମାରୱାଡି ମହିଳା ସମିତି ନୂତନ କର୍ମକର୍ତ୍ତାମାନେ।

# ନୂତନ ଶ୍ରେଣୀଗୃହ ନିର୍ମାଣ ନେଇ ଜିଲାପାଳଙ୍କୁ ଦାବିପତ୍ର



ବଇଣ୍ଡା,୧୩।୪(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା କୁରୁମଟାପ ପଞ୍ଚାୟତ ନୂଆଁବରପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅନେକ ସମସ୍ୟା ଥିବାବେଳେ ସମାଧାନ କରାଯାଉ ନ ଥିବା ଯୋଗୁ ଶନିବାର ବରପାଲି ଗ୍ରାମବାସୀ ଅନୁଗୋଳ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଅଭିଯୋଗରେ ଉଲ୍ଲେଖ କରିଛନ୍ତି, ୧ ସେପ୍ଟେମ୍ବର ୧୯୮୬ରେ ଉକ୍ତ ବିଦ୍ୟାଳୟ ସ୍ଥାପନ ହୋଇଥିଲା। ୧ମ ରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ସମୁଦାୟ ୨୮ ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ସମୁଦାୟ ୪ଟି ଶ୍ରେଣୀଗୃହ ଥିବାବେଳେ ସେଥିରୁ ୨ଟି ବିପଦସଙ୍କୁଳ ଅବସ୍ଥାରେ ରହିଛି। ଅନ୍ୟ ୨ଟି ମଧ୍ୟରୁ ଗୋଟିଏର ଅଧାସ୍ଥାନରେ କାର୍ଯ୍ୟାଳୟ ସହ ୨ଟି ଶ୍ରେଣୀର ଛାତ୍ରୀଛାତ୍ର ବସୁଛନ୍ତି। ଅନ୍ୟ ଶ୍ରେଣୀଗୃହରେ ୩ଟି ଶ୍ରେଣୀର ଛାତ୍ରୀଛାତ୍ର ବସି ପଢୁଛନ୍ତି। ଫଳରେ ଛାତ୍ରୀଛାତ୍ରମାନେ ପାଠପଢ଼ାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଶୌଚାଳୟଗୁଡ଼ିକର ପ୍ୟାନ ଭାଙ୍ଗିଯିବା ସହ ପାଇଖାନା ଟାଙ୍କି ଭୁଶୁଡ଼ି ପଡିଛି। ଏ ନେଇ ଶିକ୍ଷା କମିଟି ପକ୍ଷରୁ ବହୁବାର ବ୍ଲକ ଶିକ୍ଷା ବିଭାଗଠାରୁ ଆରମ୍ଭ କରି ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଥିଲେ ହେଁ ସୁଫଳ ମିଳିନାହିଁ। ଫଳରେ ବିପଦସଙ୍କୁଳ ଅବସ୍ଥାରେ ଥିବା ଶ୍ରେଣୀଗୃହ ଉପରେ ଛାତ୍ରୀଛାତ୍ରମାନେ ନିର୍ଭର କରୁଛନ୍ତି। ତୁରନ୍ତ ଏଥିପ୍ରତି ଧ୍ୟାନ ଦେବା ପାଇଁ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଦାବି ହୋଇଛି। ଏ ନେଇ ଅତିରିକ୍ତ ଗୋଷ୍ଠୀ ଅଧିକାରୀ କୈବଲ୍ୟ କଅଁର କହିଛନ୍ତି, ଉକ୍ତ ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ଜିଲା ଶିକ୍ଷା ବିଭାଗକୁ ଅବଗତ କରାଯିବ।

# ଶିବିରରେ ୫୦ ୟୁନିଟ୍ ରକ୍ତ ସଂଗ୍ରହ



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

ଢେଙ୍କାନାଳ,୧୩।୪(ରତନ ନାୟାର)

ଓଡ଼ିଆ ପକ୍ଷପାଳନ ଅବସରରେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସୋମବାର ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା, ଯୁବ ରେଡ୍‌କ୍ରସ୍ ଓ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ମିଳିତ ସହଯୋଗରେ ଏହି ଶିବିର ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବରାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡ. ରବର୍ଟ ୱିଲସନ ଭାତ୍ରା, ଯୁବ ରେଡକ୍ରସ୍ ସଂଯୋଜକ ଡ. ଭୂପେଶ ଚନ୍ଦ୍ର ସାହୁଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକ ଉପସ୍ଥିତ ଥିଲେ। ଶିବିରରେ ଛାତ୍ରୀଛାତ୍ର, ସ୍ୱେଚ୍ଛାସେବୀ, ଢେଙ୍କାନାଳ ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଶାଖା ଏବଂ ପ୍ରେମସୁଧା ସମିତିର ସକ୍ରିୟ ସହଭାଗିତା ରହିଥିଲା। ଶିବିରରେ ମୋଟ୍ ୫୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ରକ୍ତଦାନ ମାଧ୍ୟମରେ ଜୀବନ ରକ୍ଷାର ମହତ୍ତ୍ୱ ସମ୍ପର୍କରେ ଅତିଥିମାନେ ମତପ୍ରକାଶ କରିଥିଲେ।

# ଅଭିଯୋଗ ଶୁଣାଣିରେ ୨୪ ଅଭିଯୋଗ




କାମାକ୍ଷାନଗର,୧୩।୪(ସୁଧୀର ପରିଡା)

କଙ୍କଡ଼ାହାଡ ପଞ୍ଚାୟତ ସମିତି ସଭାଗୃହ ପରିସରରେ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଓ ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକର ଉପସ୍ଥିତ ରହି ଅଭିଯୋଗର ଶୁଣାଣି କରିଥିଲେ। ତୋରଡ଼ାନାଳି ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଅବସରପରେ କୌଣସି ଶିକ୍ଷକ ନିଯୁକ୍ତି ହେଉ ନ ଥିବା ନେଇ ଖିଲ୍ଲୀ ସରପଞ୍ଚ ରୋଜାଲିନ ସାହୁ ଅଭିଯୋଗ କରିଥିଲେ। ଏ ନେଇ ଜିଲାପାଳ ପାଟିଲ ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ସମୁଦାୟ ୨୪ଟି ଅଭିଯୋଗ ଗ୍ରହଣ ହୋଇଥିଲା। ୨ଟି ଅଭିଯୋଗର ସମାଧାନ କରାଯାଇଥିଲା। ଶୁଣାଣିରେ ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ, ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସଞ୍ଜୟ ମହାପାତ୍ର, ଉପଜିଲାପାଳ ଦିନମଣି ନାୟକ, ଜିଲା ମଙ୍ଗଳ ଅଧିକାରୀ ରୁଦ୍ର ପ୍ରସନ୍ନ ପରିଜା, ଏସ୍‌ଡିପିଓ ରଜନୀକାନ୍ତ ସାମଲ, ବ୍ଲକ ଅଧ୍ୟକ୍ଷା ଚାରୁଲତା ମିଶ୍ର, ଅତିରିକ୍ତ ତହସିଲଦାର ସୁଜିତ କୁମାର ଭୋଇ, ବିଡିଓ ଯଶୋବନ୍ତ ଦେହୁରୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଶାନ୍ତ ସାହୁ, ଶିକ୍ଷାଧିକାରୀ ସାଗର ଗୁଡ୍ଡୁ, ପର୍ଶୁରାମ ପଟ୍ଟନାୟକ, ମୋନାଲିସା ଜେନା, ମଧୁସ୍ମିତା ଶତପଥୀ, ଜୟନ୍ତୀ ମହାପାତ୍ର, ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାତ ଚନ୍ଦ୍ର ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଇନ୍ଦିପୁରରେ ସୁନାଦଣ୍ଡ ଉଦ୍‌ଯାପିତ

**କଠୋର ସାଧନାର ଅନନ୍ୟ ନିଦର୍ଶନ**

ଢେଙ୍କାନାଳ,୧୩।୪(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁରଠାରେ ଚାଲିଥିବା ସୁନାଦଣ୍ଡ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଚୈତ୍ର ମାସକୁ ଧରି ବିଷୁବ ସଂକ୍ରାନ୍ତି ପୂର୍ବଦିନ ଯାଏ ଦାଣ୍ଡୁଆମାନେ କଠୋର ସାଧନାର ଅନନ୍ୟ ନିଦର୍ଶନ ସ୍ୱରୂପ ୬୪ ପ୍ରକାର ଯୋଗ ଦଣ୍ଡରେ ଆପଣା ଶରୀରକୁ ଭାବଭକ୍ତି ଓ ମାନସିକରେ ଶୁଦ୍ଧ କରିଥାନ୍ତି। ଇନ୍ଦିପୁର ଗ୍ରାମରେ ୧୫୮ ବର୍ଷ ଧରି ଏହି ଶୈବ ଧର୍ମର ପରମ୍ପରା ଚାଲି ଆସୁଛି। ସୋମବାର ସକାଳେ ପିଲାଙ୍କ ମୁଣ୍ଡନ, ଦର୍ଶନ ପରେ ମଧ୍ୟାହ୍ନର ପ୍ରଚଣ୍ଡ ଖରାରେ କାମନା କାଳିକା ମନ୍ଦିରରୁ 'କଳା ରତ୍ନମଣି ଭଜେ ଧ୍ୱନି' ସହିତ ଘଣ୍ଟା, ଢୋଲ ଶବ୍ଦ ମଧ୍ୟରେ ଦଣ୍ଡ ପ୍ରଣାମ ଆରମ୍ଭ ହୋଇଥିଲା। ପାଟ ଦଣ୍ଡୁଆଙ୍କଠାରେ କାଳିଶି ଭାବେ କାଳିକା ମଙ୍ଗଳା ବିଜେ କରି ଅଧିଆ ପଡ଼ିଥିବା ଭକ୍ତଙ୍କ ଗୁହାରି ଶୁଣିଥିଲେ। କୋଇଲେଖା କଣ୍ଟାରେ ପ୍ରଥମେ ଆଗ କାଳିଶିମାନେ ଗଡିବା ପରେ ଦଣ୍ଡୁଆମାନେ ଗଡ଼ିଥିଲେ। ଚାରୁ ଅନ୍ନ ପ୍ରସାଦ ପାଇବା ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ପଦ୍ମନାଭ ସାହୁ, ଭୀମସେନ ସାହୁ, ସୁଧାଂଶୁ ମହାପାତ୍ର, ବସନ୍ତ ପୃଷ୍ଟି, ଗୌରୀ ସେଠୀ, ମଣ୍ଟୁ ସାହୁ, ସୂର୍ଯ୍ୟମଣି ସାହୁ ପ୍ରମୁଖ ପରିଚାଳନା କରିଥିଲେ।


ଇନ୍ଦିପୁରରେ ଦଣ୍ଡୁଆମାନେ କୋଇଲେଖା କଣ୍ଟାରେ ଗଡୁଛନ୍ତି।

## ଇଂଲିଶ ଶିକ୍ଷାର ଆବଶ୍ୟକତା ଉପରେ ମାର୍ଗଦର୍ଶନ

ଭୁବନ,୧୩।୪( ବିପିନ ବିହାରୀ ସେଠୀ)

ଭୁବନ ବିନାୟକ ଇଂରାଜୀ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଯୋଗଦେଇ ଇଂଲିଶ ଶିକ୍ଷା କିପରି ଆଜିର ଛାତ୍ରୀଛତ୍ରଙ୍କ ପାଇଁ ଆବଶ୍ୟକ ସେ ସମ୍ପର୍କରେ କହିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନନ୍ଦ କିଶୋର ସାହୁ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ସମୀର କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାମାକ୍ଷାନଗର ରହଣି ସଂସ୍କାର ବିଦ୍ୟାଳୟର ପ୍ରତିଷ୍ଠାତା ମଳୟରଞ୍ଜନ ପତି ଓ କଟକ ସହ ବନ ସଂରକ୍ଷକ ସନ୍ତୋଷ କୁମାର ପତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ବେହେରା ବାର୍ଷିକ ବିବରଣୀ ପାଠ ଓ ଶିକ୍ଷୟିତ୍ରୀ ସସ୍ମିନା ପ୍ରିୟଦର୍ଶିନୀ ବର୍ଦ୍ଧନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶ୍ରେଷ୍ଠ ଛାତ୍ରୀଛତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ଶିଲ୍ପା ସିଂ, ସ୍ମୃତିରେଖା ତ୍ରିପାଠୀ, ଅଞ୍ଜଳୀ ପୃଷ୍ଟି, ଗାୟତ୍ରୀ ରାଉତ, ସ୍ୱର୍ଣ୍ଣପ୍ରଭା ଜେନା ଓ ଶିକ୍ଷକ ସୌଭାଗ୍ୟ ମୁଦୁଲି ସହଯୋଗ କରିଥିଲେ।

# ରୋଜାଲିନ,ଅନନ୍ୟାଙ୍କୁ ଫେଲୋଶିପ୍

ଢେଙ୍କାନାଳ,୧୩।୪(ରତନ ନାୟାର)

ଢେଙ୍କାନାଳ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି) ପକ୍ଷରୁ ଚଳିତ ଶିକ୍ଷାବର୍ଷରେ ଓଡ଼ିଆ ସାମ୍ବାଦିକତା ପାଠ୍ୟକ୍ରମର ଛାତ୍ରୀ ରୋଜାଲିନ ସାହୁଙ୍କୁ ରାଧାନାଥ ରଥ ସ୍ମାରକୀ ଫେଲୋଶିପ ଏବଂ ଇଂଲିଶ ସାମ୍ବାଦିକତା ପାଠ୍ୟକ୍ରମର ଛାତ୍ରୀ ଅନନ୍ୟା ପୋଦ୍ଦାରଙ୍କୁ ସତ୍ୟ ମହାପାତ୍ର ସ୍ମାରକୀ ଫେଲୋଶିପ୍ ପ୍ରଦାନ କରାଯାଇଛି। ଫେଲୋଶିପ୍ ବାବଦକୁ ଉଭୟଙ୍କୁ ମାନପତ୍ର ଓ ଅର୍ଥରାଶି ପ୍ରଦାନ କରାଯାଇଛି। ଆଇଆଇଏମ୍‌ସି ଢେଙ୍କାନାଳର ସ୍ପନ୍ଦନ ଅଡିଟୋରିୟମଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ଫେଲୋଶିପ ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଶିଶୁ ଅଧିକାର ସୁରକ୍ଷା ସଂସ୍ଥା ନିର୍ଦ୍ଦେଶକ ଶୁଭେନ୍ଦୁ ଭଟ୍ଟାଚାର୍ଜୀ ଏବଂ ମିଡିଆ ସମ୍ପର୍କ ମୁଖ୍ୟ ଅଭିକ ଭଟ୍ଟାଚାର୍ଜୀ ଯୋଗଦେଇ ଏହି ଫେଲୋଶିପ ପ୍ରଦାନ କରିଥିଲେ।

ପ୍ରାରମ୍ଭରେ ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ଡ. ଆନନ୍ଦ ପ୍ରଧାନ ସାମ୍ବାଦିକତା କ୍ଷେତ୍ରରେ ରାଧାନାଥ ରଥ ଏବଂ ସତ୍ୟ ମହାପାତ୍ରଙ୍କ ଅବଦାନ ବିଷୟରେ ଉଲ୍ଲେଖ କରିଥିଲେ। ଆଇଆଇଏମ୍‌ସି ଢେଙ୍କାନାଳର ଇଂଲିଶ ସାମ୍ବାଦିକତା ବିଭାଗର ସହକାରୀ ଅଧ୍ୟାପକ ଡ. ବିରଞ୍ଚି ନାରାୟଣ ସେଠ୍ ଏବଂ ଓଡ଼ିଆ ସାମ୍ବାଦିକତା ବିଭାଗର ସହକାରୀ ଅଧ୍ୟାପକ ଡ. ଚିରସ୍ରୋତା ଜେନା ଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ନିଜ ପ୍ରତିକ୍ରିୟାରେ ରୋଜାଲିନ ସାହୁ କହିଛନ୍ତି, ଏହି ସମ୍ମାନଜନକ ଫେଲୋଶିପ କେବଳ ନିରବଚ୍ଛିନ୍ନ ଚେଷ୍ଟାର ପ୍ରତିଫଳନ ନୁହେଁ ବରଂ ତାଙ୍କ ପାଇଁ ଆଗାମୀ ଦିନରେ ସାମ୍ବାଦିକ ଭାବରେ କାର୍ଯ୍ୟ କରିବାର ପ୍ରେରଣା। ସେହିପରି ଅନନ୍ୟା ପୋଦ୍ଦାର କହିଛନ୍ତି, ସମାଜରେ କାର୍ଯ୍ୟରତ ସାହସୀ ଖବରଦାତା ଏବଂ ସତ୍ୟ କାହାଣୀକୁ ସମାଜରେ ଉପସ୍ଥାପନା କରିବାର ସେମାନଙ୍କ କ୍ଷମତାରେ ଅନୁପ୍ରାଣିତ। ଏହି ସମ୍ମାନ ପାଇ ବହୁତ ଖୁସି। ୯ମାସ ଧରି ସମସ୍ତଙ୍କ ନିରନ୍ତର ମାର୍ଗଦର୍ଶନ ଏବଂ ସମର୍ଥନ ପାଇଁ ଧନ୍ୟବାଦ ଦେଉଛି। କାର୍ଯ୍ୟକ୍ରମରେ କର୍ପୋରେଟ ଯୋଗାଯୋଗ ଏବଂ ବ୍ରାଣ୍ଡ ମ୍ୟାନେଜମେଣ୍ଟ ବିଭାଗର ସହକାରୀ ଅଧ୍ୟାପକ ଆଭା ସିଂ ଓ ପାରସ ଯାଦବ, ସଂସ୍ଥାନର ଶିକ୍ଷା ସଂଯୋଜକ ଜିତେନ୍ଦ୍ର ପତି, ଗ୍ରନ୍ଥାଗାର ସଂଯୋଜକ ଶୁଭଙ୍କରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ଛାତ୍ରୀ ରୋଜାଲିନ ସାହୁ ଓ ଅନନ୍ୟା ପୋଦ୍ଦାର।

**ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ, ହତ୍ୟା ସନ୍ଦେହ**

ପରଜଙ୍ଗ,(ନିଗମାନନ୍ଦ ଦଳବେହେରା): ପରଜଙ୍ଗ ଥାନା ସାଆନ୍ଦା ଫାଣ୍ଡି ବାଇଗିଣିଆ ମୁଣ୍ଡା ସାହିର ସୁନିତା ଭୋଇ (୨୨)ଙ୍କ ମୃତଦେହ ଗ୍ରାମ ନିକଟ ଜଙ୍ଗଲରୁ ସୋମବାର ପୋଲିସ ଜବତ କରିଛି। ଖବର ପାଇ ସୁନୀତାଙ୍କ ବାପା ସର୍ବେଶ୍ୱର ଭୋଇ ପହଞ୍ଚି ତାଙ୍କ ଝିଅଙ୍କୁ ସ୍ୱାମୀ ଶ୍ରୀବତ୍ସ, ଶାଶୁ ଏବଂ ଶ୍ୱଶୁର ମାରିଦେଇଥିବା ଥାନାରେ ଅଭିଯୋଗ କରିଥିଲେ। ଢେଙ୍କାନାଳ ସାଇଣ୍ଟିଫିକ ଟିମ୍ ପହଞ୍ଚି ସହ ପୋଲିସ ପହଞ୍ଚି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତଦନ୍ତ କରିଥିଲା। ସୁନୀତା ୬ ବର୍ଷ ତଳେ ବିବାହ କରିଥିଲେ। ତାଙ୍କୁ ଶାଶୁଘର ଲୋକେ ଯୌତୁକ ନିର୍ଯାତନା ଦେଉଥିବା ନେଇ ପୂର୍ବରୁ ଥାନାରେ ଅଭିଯୋଗ ହୋଇଥିଲା।

# ବଢୁଛି ତାତି ସହ ଜଳସଙ୍କଟ

**ବଇଣ୍ଡା, ୧୩।୪(ପରିକ୍ଷିତ ସାହୁ)**

ଅନୁଗୋଳ ଜିଲାରେ ବଢୁଛି ତାପମାତ୍ରା। କିଛିଦିନ ହେଲା ତାତି ପ୍ରାୟ ୩୮ ଡିଗ୍ରୀରୁ ଅଧିକ ରହୁଛି। ସୋମବାର ଆଠମଲ୍ଲିକ ଓ କିଶୋରନଗର ବ୍ଲକରେ ୩୮ ଡିଗ୍ରୀ ତାପମାତ୍ରା ଥିବା ଏକ ଘରୋଇ ତାପମାତ୍ରା ମପା ଯନ୍ତ୍ରରୁ ଜଣାପଡିଛି। ତେବେ ତାତି ବଢୁଥିବାବେଳେ ଆଠମଲ୍ଲିକ ଉପଖଣ୍ଡର ବିଭିନ୍ନ ଜଙ୍ଗଲରେ ଲାଗୁଥିବା ନିଆଁ ଅଞ୍ଚଳବାସୀଙ୍କ ଚିନ୍ତାର କାରଣ ହୋଇଛି। ଏହି ନିଆଁକୁ ବନ ବିଭାଗ ଆୟତ୍ତ କରିପାରୁ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ତାତି ଅଧିକ ଅନୁଭୂତ ହେବା ସହ ଧୂଆଁଳିଆ ପରିବେଶ ସୃଷ୍ଟି ହେଉଛି। ତାପମାତ୍ରାରେ ଏପରି ବୃଦ୍ଧିକୁ ଦେଖି ଲୋକେ ପୂର୍ବାହ୍ନ ୧୦ଟା ପରେ ଜରୁରୀ କାର୍ଯ୍ୟ ନ ଥିଲେ ଘରୁ ବାହାରୁନାହାନ୍ତି। ଅପରାହ୍ନ ୩ଟା ପର୍ଯ୍ୟନ୍ତ ତାତି ରହୁଥିବା ଯୋଗୁ ସାଧାରଣ ଜୀବନଯାତ୍ରା ବାଧାପ୍ରାପ୍ତ ହେଉଛି। ଅଂଶୁଘାତର ମୁକାବିଲା ପାଇଁ କିଶୋରନଗର ବ୍ଲକ ପ୍ରଶାସନ ପକ୍ଷରୁ ସେଭଳି କୌଣସି ପଦକ୍ଷେପ ନିଆଯାଇ ନ ଥିବାବେଳେ ରାସ୍ତା କଡ଼ରେ ଜଳଛତ୍ର ଖୋଲାଯାଇ ପାରିନାହିଁ। ବିଦ୍ୟାଳୟ ଓ କଲେଜକୁ ପଢିବାକୁ ଆସୁଥିବା ଛାତ୍ରୀଛାତ୍ରମାନେ ପିଇବା ପାଣି ନ ପାଇ ହନ୍ତସନ୍ତ ହେଉଛନ୍ତି। ଏଥିସହ ଆଠମଲ୍ଲିକ ଉପଖଣ୍ଡର ବହୁ ପଞ୍ଚାୟତରେ ପାନୀୟ ଜଳାଭାବ ଦେଖାଦେଇଛି। ଉପଖଣ୍ଡର ୪୭ଟି ପଞ୍ଚାୟତର ବିଭିନ୍ନ ସ୍ଥାନରେ ବହୁ ନଳକୂଅ ଅଚଳ ହୋଇପଡ଼ିଥିଲେ ମଧ୍ୟ ସେଗୁଡିକ ସଚଳ କରିବା ପାଇଁ ଜଳ ଯୋଗାଣ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ ଆଠମଲ୍ଲିକ ଓ କିଶୋରନଗର ବ୍ଲକର ଧଣ୍ଡାତୋପା, ମଇମୁରା, କରଡାସିଙ୍ଗ, ଟାପଡୋଲ, ପେଡିପଥର, ରାଇନାଳୀ, ରାଣୀଭୁଇଁ, ଟକବା, ବାଦିବାହାଳ, ମଧପୁର ଅଞ୍ଚଳବାସୀ ଜଳକଷ୍ଟ ଭୋଗୁଛନ୍ତି। ଅନେକ କୂଅ, ପୋଖରୀ, ନାଳ, ଶୁଖିଯାଇଥିବାରୁ ଜଳ ସମସ୍ୟା ଉତ୍କଟ ଆକାର ଧାରଣ କରିଛି। ଜଙ୍ଗଲଗୁଡ଼ିକରେ ଥିବା ଜଳାଶୟଗୁଡ଼ିକ ଶୁଖିଯାଇଥିବାରୁ ବନ୍ୟଜନ୍ତୁମାନେ ପିଇବା ପାଣି ନ ପାଇ ଗାଁ ଭିତରକୁ ପଶି ଆସୁଛନ୍ତି। ଫଳରେ ଅନେକ ଜନ୍ତୁ ଶିକାରୀଙ୍କ ହାବୁଡ଼ରେ ପଡୁଛନ୍ତି। ତୁରନ୍ତ ଏଥିପ୍ରତି ବନ ବିଭାଗ ପକ୍ଷରୁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ କିଶୋରନଗର ବିଡିଓ ଶୁଭକାନ୍ତ ନାୟକ କହିଛନ୍ତି, ବ୍ଲକ ପ୍ରଶାସନ ପକ୍ଷରୁ ବିଭିନ୍ନ ଅଞ୍ଚଳରେ ଜଳଛତ୍ର ଖୋଲିବା ପାଇଁ ପଞ୍ଚାୟତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### ଟ୍ୟାଙ୍କର ଯୋଗେ ଜଳଯୋଗାଣ ହେଉ



"ପଥରଗଡ଼, ଭାଙ୍ଗମୁଣ୍ଡା ସହ ଅନେକ ଗ୍ରାମରେ ପାନୀୟ ଜଳ ସମସ୍ୟା ଦେଖାଯାଇଛି। ବହୁ ନଳକୂଅ ଅଚଳ ଅବସ୍ଥାରେ ଥିବାବେଳେ କେତୋଟିରୁ ଲୁହାଟିଆ ପାଣି ବାହାରୁଛି। ବ୍ଲକ ପ୍ରସାଶନ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ କରାଯାଉ।

**-ସଞ୍ଜୀବ କୁମାର ପ୍ରଧାନ, ବାମୁର ସରପଞ୍ଚ**

### ଜଙ୍ଗଲରେ ଜଳକୁଣ୍ଡ ନିର୍ମାଣ କରାଯାଉ



"ବହୁ ଗ୍ରାମରେ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ଜଙ୍ଗଲରେ ନିଆଁ ସହ ପାନୀୟ ଜଳ ଅଭାବ ଜୀବଜନ୍ତୁଙ୍କୁ ଗ୍ରାମାଭିମୁଖୀ କରୁଛି। ତେଣୁ ଜଙ୍ଗଲରେ ଅସ୍ଥାୟୀ ଜଳକୁଣ୍ଡ ନିର୍ମାଣ କରାଯିବା ଦିଗରେ ବନ ବିଭାଗ ପଦକ୍ଷେପ ନେଉ।

**-ଦିଲୀପ ପ୍ରଧାନ, ଅର୍ଜୁନଧରା**

### ନଳକୂଅର ଜଳସ୍ତର ହ୍ରାସ ପାଇଛି



"ପଞ୍ଚାୟତର ଅନେକ ଗ୍ରାମକୁ ଜଳଯୋଗାଣ ହୋଇପାରୁନାହିଁ। ବିଶେଷ କରି ପେଡ଼ିପଥର ଅଞ୍ଚଳରେ ଅନେକ ନଳକୂଅରୁ ଜଳସ୍ତର ହ୍ରାସ ପାଇଯାଇଥିବା ଯୋଗୁ ପାଣି ବାହାରୁନାହିଁ। ବ୍ଲକ ପ୍ରଶାସନ ପକ୍ଷରୁ ଗ୍ରାମକୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଣ କରାଯାଉ।

**-ଭରତ ଚନ୍ଦ୍ର ସାହୁ, ପେଡ଼ିପଥର ସରପଞ୍ଚ**

### ପାଇପ୍ ବିଛାଯାଇଛି, ପାଣି ନାହିଁ



"ଆମ୍ବପାଳ ପଞ୍ଚାୟତର ଅନେକ ଗ୍ରାମରେ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ ହୋଇନାହିଁ। ଫଳରେ ଖରାଦିନେ ଜଳ ସଙ୍କଟ ଦେଖାଦେଇଛି। ମେଗା ପ୍ରକଳ୍ପ ପାଇଁ ପାଇପ୍ ବିଛା ଯାଇଥିଲେ ମଧ୍ୟ ଜଳ ଯୋଗାଣ କରାଯାଉ ନାହିଁ।

**-ଅନିରୁଦ୍ଧ ସାହୁ, ବାଦିରନାଳୀ**

## ମାଣ୍ଡିଆ ଚାଲାଣକୁ ନେଇ ଅସନ୍ତୋଷ



ଚାଉଳ ବୋଝେଇ ଟ୍ରକ୍‌ରେ ମାଣ୍ଡିଆ ଲୋଡ୍ କରାଯାଉଛି।

**ବଇଣ୍ଡା, ୧୩।୪(ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଡ଼ହୁଲା ନିକଟରେ ଥିବା ରାଇସ୍‌ମିଲ ସମ୍ମୁଖରେ ଚାଉଳ ଯୋଗାଣ ଟ୍ରକ୍‌ରେ ଜଣେ ବ୍ୟବସାୟୀ ମାଣ୍ଡିଆ ଚାଲାଣ କରୁଥିବାକୁ ନେଇ ବଡ଼ହୁଲା ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଗ୍ରାମବାସୀ ଅଭିଯୋଗ କରିଛନ୍ତି, ଉକ୍ତ ରାଇସ୍‌ମିଲରେ ଚାଉଳ ହେରଫେର ହେଉଥିବାବେଳେ ସୋମବାର ଏକ ଟ୍ରକ୍ ଯୋଗେ ଚାଉଳ ବୋଝେଇ ହୋଇ ଯାଉଥିଲା। ଏହି ସମୟରେ ବାହାର ଅଞ୍ଚଳର ଜଣେ ବ୍ୟବସାୟୀ ଡାଲା ଅଟୋରେ ମାଣ୍ଡିଆ ଆଣି ଉକ୍ତ ଚାଉଳ ଟ୍ରକ୍‌ରେ ଲୋଡ୍ କରିଥିଲେ। ଏହାକୁ ଗ୍ରାମବାସୀ ବିରୋଧ କରିଥିଲେ। ଉକ୍ତ ମିଲ୍‌ରୁ ମାଣ୍ଡିଆ ବୋଝେଇ କରିବା ପରିବର୍ତ୍ତେ ବାହାର ଅଞ୍ଚଳରୁ ଆସିଥିବା ମାଣ୍ଡିଆ ବୋଝେଇକୁ ନେଇ ଅସନ୍ତୋଷ ଦେଖା ଦେଇଥିଲା। ସେହିପରି ବିଳମ୍ବିତ ରାତିରେ ଅନେକ ଗାଡ଼ି ମାଧ୍ୟମରେ ବାହାରକୁ ଚାଉଳ ଚାଲାଣ କରାଯାଉଥିବା ଅଭିଯୋଗ ହୋଇଛି। ଏ ନେଇ ରାଇସମିଲ୍‌ର ସୁପରିଣ୍ଟେଣ୍ଡେଣ୍ଟ ଦମୟନ୍ତୀ ରଥ କହିଛନ୍ତି, ମାଣ୍ଡିଆଗୁଡ଼ିକ ପାଲଲହଡାରୁ ଆସିଛି। ମିଲ ଭିତରକୁ ଆସିନାହିଁ। କୌଣସି ଅନିୟମିତତା ହେଉନାହିଁ। ଏ ନେଇ ଆଠମଲ୍ଲିକ ଉପ ଜିଲାପାଳ ଉପେନ୍ଦ୍ର ଲୁହା କହିଛନ୍ତି, ଘଟଣା ସମ୍ପର୍କରେ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ।

## ଜନଗଣନା ସଚେତନତା ରଥ ପରିକ୍ରମା ଶୁଭାରମ୍ଭ

**ଢେଙ୍କାନାଳ, ୧୩।୪(ରତନ ନାୟାର)**

ଦେଶରେ ପ୍ରଥମ ଡିଜିଟାଲ ଜନଗଣନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଏହି ରଥକୁ ଅତିରିକ୍ତ ଜିଲାପାଳ(ସାଧାରଣ) ରମେଶ ଚନ୍ଦ୍ର ସେଠୀ ଏବଂ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲଳିତ ମୋହନ ବେହେରା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ଓ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ସଚେତନତା ରଥ ଜିଲାର ସମସ୍ତ ବ୍ଲକ ଏବଂ ତହସିଲ ଅଞ୍ଚଳରେ ବୁଲି ପ୍ରଚାର କରିବ।



ଜନଗଣନା ସଚେତନତା ରଥ ଶୁଭାରମ୍ଭ କରାଯାଉଛି।

## ସିଏମ୍ ଟ୍ରଫି ୪ର୍ଥ ଦିବସରେ ୨ ମ୍ୟାଚ



ମ୍ୟାଚ ପୂର୍ବରୁ ଖେଳାଳିଙ୍କ ସହ ଅତିଥିମାନେ।

**ଅନୁଗୋଳ, ୧୩।୪(ଦିବ୍ୟଶାନ୍ତନୁ ନାଥ)**

ଅନୁଗୋଳ ପିଟିସି ପଡ଼ିଆରେ ଚାଲିଥିବା ଦ୍ୱିତୀୟ ମୁଖ୍ୟମନ୍ତ୍ରୀ କପ୍ ଫୁଟବଲ ଟୁର୍ନାମେଣ୍ଟର ଚତୁର୍ଥ ଦିବସର ପ୍ରଥମ ମ୍ୟାଚ ବାଳିକା ବିଭାଗର ଅନୁଳିଆ ଓ ଅନୁଗୋଳ ମଧ୍ୟରେ ୧-୧ରେ ଅମିମାଂସିତ ରହିଥିଲା। ଦ୍ୱିତୀୟ ମ୍ୟାଚ ବାଳକ ବିଭାଗର ସମ୍ପୂର୍ଣ୍ଣ ଏକତରଫା ହୋଇଥିଲା। ଏହି ମ୍ୟାଚରେ ଜୟମଲ ୧୮-୦ରେ ବନ୍ତଲା ଫୁଟ୍‌ବଲ କ୍ଲବକୁ ହରାଇଥିଲା। ଅତିଥି ଭାବେ ବରିଷ୍ଠ ଆଥଲେଟ ପ୍ରକାଶ ଗଡ଼ନାୟକ, ନୀଳମଣି ଦାସ, ବସନ୍ତ କୁମାର ଦାସ, ରୁଚିର ଦାସ, ଆଇନଜୀବୀ ପ୍ରଦୀପ ଦେବତାଙ୍କ ସମେତ କ୍ରୀଡ଼ା ସଂସଦ ସମ୍ପାଦକ ଡା. ଗୌରଗୋବିନ୍ଦ ସାମନ୍ତ ଅତିଥି ଭାବେ ଯୋଗ ଦେଇଥିଲେ। କ୍ରୀଡ଼ା ମନ୍ତ୍ରଣାଳୟ ଭାରତ ସରକାରଙ୍କ ପକ୍ଷରୁ ସଞ୍ଜୟ କୁମାର ଦାଶ, ପ୍ରବୀଣ ସିଂହ, ଅମିତ ସିଂହ, ସୁକାନ୍ତ ଦାଶ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ।

## ଓଡ଼ିଆ ପକ୍ଷ ଅବସରରେ 'ଆମ ରୁଚି ଆମ ଖାଦ୍ୟ'

**ଛେଣ୍ଡିପଦା, ୧୩।୪(ଅଜିତ୍ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ସଭାଗୃହ ପରିସରରେ ସୋମବାର 'ଆମ ରୁଚି ଆମ ଖାଦ୍ୟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଅରବିନ୍ଦ ବେହେରାଙ୍କ ତତ୍ତ୍ୱାବଧାନରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଧାୟକଙ୍କ ପ୍ରତିନିଧି ଭାବେ ଅକ୍ଷୟପାଦ ବେହେରା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବ୍ଲକରେ ଥିବା ମିଶନ ଶକ୍ତିର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ୧୫୦ରୁ ଉର୍ଦ୍ଧ୍ୱ ପ୍ରକାରର ଓଡ଼ିଆଙ୍କ ପ୍ରିୟ ବ୍ୟଞ୍ଜନ ପ୍ରଦର୍ଶନ କରାଯାଇଥିଲା। ମଧ୍ୟାହ୍ନରେ ସମ୍ମାନିତ ଅତିଥିଭାବେ ଅନୁଗୋଳ ଜିଲାପାଳ ଅବଦଲ ମୁହମ୍ମଦ ଅଖତାର, ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ ପ୍ରମୁଖ ଯୋଗଦେଇ ପାରମ୍ପରିକ ବ୍ୟଞ୍ଜନ ବୁଲି ଦେଖିବା ସହିତ ସ୍ୱାଦ ପରଖିଥିଲେ। ମା'ଙ୍କ ଦ୍ୱାରା ପ୍ରଦର୍ଶିତ ଖାଦ୍ୟ ଉଚ୍ଚକୋଟୀର ହୋଇଥିବା ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ଜୀବିକା ମିଶନ ଓ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କର୍ମଚାରୀ ଯୋଗଦେଇ ସହଯୋଗ କରିଥିଲେ।

## ଅନିଲ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ଜିଲା ସଭାପତି

**ବଣ୍ଟିଅଁରପାଳ, ୧୩।୪(ସୁବାସ ସାହୁ)**



ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ଅନୁଗୋଳ ଜିଲା ସଭାପତି ଭାବେ ଅନିଲ ବେହେରାଙ୍କ ନାମ ଘୋଷଣା କରାଯାଇଛି। ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ ସଭାପତି ବାଇଧର ମଲ୍ଲିକଙ୍କ ଦ୍ୱାରା ପ୍ରକାଶିତ ତାଲିକାରେ ଅନୁଗୋଳ ଜିଲା ପାଇଁ ଅନିଲାଙ୍କୁ ନିଯୁକ୍ତି ଦିଆଯାଇଛି। ଏହାକୁ ନେଇ ଜିଲା ଭାଜପା କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ଦଳକୁ ତୃଣମୂଳସ୍ତରରେ ସୁଦୃଢ଼ କରିବା ସହ ଅନୁସୂଚିତ ଜାତି ସମୁଦାୟରେ ସଙ୍ଗଠନକୁ ବିସ୍ତାର କରିବା ଉପରେ ସେ ଗୁରୁତ୍ୱ ଦେବେ ବୋଲି ଆଶା କରାଯାଉଛି। ନବ ନିଯୁକ୍ତ ଜିଲା ସଭାପତିଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନର ସୁଅ ଛୁଟିଛି।

## ସକାରାତ୍ମକ ପ୍ରଭାବ ପକାଇଥାଏ ପାରମ୍ପରିକ ଖାଦ୍ୟ

**ଆଠମଲ୍ଲିକ, ୧୩।୪(ଉଦୀପ୍ତ ପୁରୋହିତ)**



କାର୍ଯ୍ୟକ୍ରମ ଅବସରରେ ମଞ୍ଚାସୀନ ଅତିଥିମାନେ।

ଓଡ଼ିଆ ପକ୍ଷ ପାଳନ ଅବସରରେ ଆଠମଲ୍ଲିକ ଏନ୍‌ଏସି ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଥିବାବେଳେ ସୋମବାର ଝୋଟି, ମୁରୁଜ, ହୁଳହୁଳି ପ୍ରତିଯୋଗିତା ସହିତ ଖାଦ୍ୟ ଦିବସ ପାଳନ ଅବସରରେ ପାରମ୍ପରିକ ଖାଦ୍ୟ ପ୍ରଦର୍ଶନ କରାଯାଇଥିଲା। ୧୫ଟି ସ୍ୱୟଂ ସହାୟକ ଗୋଷ୍ଠୀ ଉପସ୍ଥିତ ରହି ପ୍ରତିଯୋଗିତା ଓ ଖାଦ୍ୟ ଦିବସ ପାଳନରେ ସାମିଲ ହୋଇଥିଲେ। ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ଉପେନ୍ଦ୍ର ଲୁହା, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଟିଟୋସ ମହାନନ୍ଦିଆ, ସିଡିପିଓ ତରଙ୍ଗିଣୀ ମିର୍ଦ୍ଧା ପ୍ରମୁଖ ଯୋଗଦେଇ ପାରମ୍ପରିକ ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ ହିତକର ଓ ସକାରାତ୍ମକ ପ୍ରଭାବ ପକାଇଥାଏ ବୋଲି କହିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମରେ ସ୍ୱଚ୍ଛ ବିଶେଷଜ୍ଞ ଅବିନାଶ ମିଶ୍ର, ଡିଏମ୍ଏମ୍ ସୀମା ପ୍ରଧାନ, ଗୋଷ୍ଠୀ ସଂଯୋଜିକା ସଙ୍ଗୀତା ମହାପାତ୍ର, ଜୁନିୟର ଆସିଷ୍ଟାଣ୍ଟ କଲ୍ୟାଣୀ ଗଡ଼ନାୟକ, ହିସାବ ରକ୍ଷକ ନିର୍ମଳ ବେହେରାଙ୍କ ସମେତ ପୌର କର୍ମଚାରୀ ଉପସ୍ଥିତ ଥିଲେ।

## ବିଭିନ୍ନ ଗ୍ରାମରେ ମେରୁଯାତ୍ରା ପାଳିତ

**ସନ୍ତ୍ରୀଛକ, ୧୩।୪(ସନ୍ତୋଷ ପରିଡ଼ା)**

ଅନୁଗୋଳ ଜିଲା ବଣ୍ଟିଅଁରପାଳ ବ୍ଲକ ବୁଢ଼ାପଙ୍କ, ନୂଆହତା, ସନ୍ତ୍ରୀ, ତଳମୂଳ, ମହୀଧରପୁର, ଫୁଲପଡ଼ା, ସାଆନ୍ତରାପୁର ଗ୍ରାମରେ ମେରୁଯାତ୍ରା ପାଳିତ ହୋଇଯାଇଛି। ଏହି ଦଣ୍ଡଯାତ୍ରା ୧ ତାରିଖଠାରୁ ଆରମ୍ଭ ହୋଇ ୧୨ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଗ୍ରାମରେ ଚାଲିଥିଲା। ଦଣ୍ଡଯାତ୍ରାରେ ଧୂଳିଦଣ୍ଡ, ଅଗ୍ନିଦଣ୍ଡ ଓ ରାତିରେ ଦଣ୍ଡନୃତ୍ୟ ପରିବେଷଣ ହୋଇଥାଏ। ମେରୁଦିନ ସମସ୍ତ ମାନସିକଧାରୀ ନିଜ ଗ୍ରାମକୁ ଫେରି କାଳୀକା ମନ୍ଦିରରେ ପୂଜାର୍ଚ୍ଚନା କରିଥାନ୍ତି। ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁ ଆସି ଚୁଟି ମୁଣ୍ଡନ କରିଥାନ୍ତି। ଯାତ୍ରାରେ ଆଖପାଖ ଗ୍ରାମରୁ ବହୁଲୋକଙ୍କ ସମାଗମ ହୋଇଥିଲା। ନୂଆହତା ଗ୍ରାମ ମୁଖ୍ୟ ଭାବେ ରମାକାନ୍ତ ସାମଲ, କାର୍ତ୍ତିକେଶ୍ୱର ସାମଲ, ବିଭୂତି ବେହେରା, ପ୍ରଭାତ ରଣା, ଶ୍ରୀକାନ୍ତ ସାମଲ, କପିଳ ସେଠୀ ପ୍ରମୁଖ ସହଯୋଗ କରିଥିଲେ। ସେହିଭଳି ବୁଢ଼ାପଙ୍କ ଗ୍ରାମରେ ମଣ୍ଟୁ ଗୁରୁଙ୍କ ତତ୍ତ୍ୱାବଧାନରେ ପୂଜକ ମୁନା ମହାପାତ୍ର, ନାରାୟଣ ମହାପାତ୍ର, ପାଟ ଦଣ୍ଡୁଆ ଭାବେ ବିଦ୍ୟାଧର ପ୍ରଧାନ, ଏକଦୁଷି ଦେହୁରୀ, ପାଟଭୁକ୍ତା ଈଶ୍ୱର ଆଇଚ, କାଳିସୀ ଧୂଳିଆ ପ୍ରଧାନ, ଓ ପରିଚାଳନା କମିଟି ସଭାପତି ପ୍ରମୋଦ ପ୍ରଧାନଙ୍କ ତତ୍ତ୍ୱାବଧାନରେ ମା'ଙ୍କ ଯାତ୍ରା ଶାନ୍ତିଶୃଙ୍ଖଳା ସହ ପାଳିତ ହୋଇଯାଇଛି।



ମେରୁଯାତ୍ରା ପାଳନ କରାଯାଉଛି।

## 'ଆମ ରୁଚି ଆମ ଖାଦ୍ୟ' କାର୍ଯ୍ୟକ୍ରମ



**ଭୁବନ, ୧୩।୪(ବିପିନ ବିହାରୀ ସେଠୀ)**

ଭୁବନ ବ୍ଲକ ପରିସରରେ ସୋମବାର ମିଶନ ଶକ୍ତି ପକ୍ଷରୁ 'ଆମ ରୁଚି ଆମ ଖାଦ୍ୟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନେ ବିଭିନ୍ନ ଘରୋଇ ଖାଦ୍ୟ ଆଣି ପ୍ରଦର୍ଶିତ କରିଥିଲେ। ପ୍ରଦର୍ଶନୀକୁ ଭୁବନ ସିଡିପିଓ ଭଗବତୀ ଗୁରୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ବିଡିଓ ଅଶୋକ କୁମାର ମିଶ୍ର, ଏବିଓ ରାଜଲକ୍ଷ୍ମୀ ଟୁଡୁଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ଓ ମିଶନ ଶକ୍ତିର କର୍ମଚାରୀ ସହଯୋଗ କରିଥିଲେ। ସ୍ୱୟଂ ସହାୟିକା ଗୋଷ୍ଠୀମାନେ ଦହିବରା, ବରା, ଆରିଷା, ମୁଆଁ ପିଠା, ସୁଜି କାକରା, ଆଳୁକସା ଆଦି ଆଣିଥିଲେ। କାର୍ଯ୍ୟକ୍ରମକୁ ମିଶନ ଶକ୍ତିର ବ୍ଲକ ପ୍ରକଳ୍ପ ସଂଯୋଜକ ଦିବ୍ୟାକାନ୍ତ ରାଉତ ପରିଚାଳନା କରିଥିଲେ।

## କଣିହାଁ ବ୍ଲକରେ 'ଆମ ରୁଚି ଆମ ଖାଦ୍ୟ' କାର୍ଯ୍ୟକ୍ରମ

**କଣିହାଁ, ୧୩।୪(ନିରୋଜ ପ୍ରଧାନ)**

ଅନୁଗୋଳ ଜିଲା କଣିହାଁ ବ୍ଲକ କାର୍ଯ୍ୟାଳୟ ପବିତ୍ର ମୋହନ ସଭାଗୃହରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପଞ୍ଚାୟତରୁ ସ୍ୱୟଂ ସହାୟକ ଗୋଷ୍ଠୀ, ସିଆର୍‌ପି, ଏମ୍‌ବିକେ ଯୋଗଦେଇ ବିଭିନ୍ନ ପ୍ରକାରର ପୋଡ଼ପିଠା, ଆରିସା, କାକରା ଏଣ୍ଡୁରି ପିଠା, ଇଡିଲି, ବରା, ବିରି ଚକୁଳି ଆଦି ଓଡ଼ିଆ ଖାଦ୍ୟ ଷ୍ଟଲ କରିଥିଲେ। ବିଡିଓ ତ୍ରିବିକ୍ରମ କୁମୁରା, ସହକାରୀ ନିର୍ବାହୀ ଯନ୍ତ୍ରୀ ଚିନ୍ମୟ କୁମାର ମିଶ୍ର, ଏବିଡିଓ ସୁତିଷ୍ଣା ମହାପାତ୍ର, ହିସାବ ଅଧିକାରୀ ସୁଶାନ୍ତ କୁମାର ନନ୍ଦ, ଯନ୍ତ୍ରୀ ଘନଶ୍ୟାମ ପଟେଲ, ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ, ସମସ୍ତ ଏଡିଇଓ, ବ୍ଲକର ସମସ୍ତ ବିଭାଗର ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ ମିଳିତ ଜନଶୁଣାଣିରେ ୩୨ ଅଭିଯୋଗ




**ଅନୁଗୋଳ, ୧୩।୪(ଦିବ୍ୟଶାନ୍ତନୁ ନାଥ)/ ଛେଣ୍ଡିପଦା (ଅଜିତ ଧଳ)**

ଅନୁଗୋଳ ଜିଲାପାଳ ଅବଦଲ ମୁହମ୍ମଦ ଅଖତାରଙ୍କ ଅଧ୍ୟକ୍ଷତାରେ ଛେଣ୍ଡିପଦା ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ଜିଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ ଯୋଗ ଦେଇଥିଲେ। ଶିବିରରେ ସମୁଦାୟ ୩୨ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୬ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ୪ ଜଣଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ୪୭ ହଜାର ୫୦୦ ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦତ୍ତ ମହନ୍ତ, ଉପଜିଲାପାଳ ମାୟାଧର ବେହେରା, ଆଞ୍ଚଳିକ ପରିବହନ ଅଧିକାରୀ ସମ୍ପିତ କୁମାର, ଆସିଷ୍ଟାଣ୍ଟ କଲେକ୍ଟର ସଞ୍ଜୟ ଭୋଇ, ତହସିଲଦାର ମାନସ ରଞ୍ଜନ ରାୟ, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର, ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣି, ଉପ ନିର୍ଦ୍ଦେଶକ ଉଦ୍ୟାନ ଅମ୍ବର ଲୁଗୁନ ପ୍ରମୁଖ ଉପସ୍ଥିତ ଥିଲେ।

## ବାଇକ୍ ଦୁର୍ଘଟଣାରେ ନାବାଳକ ଗୁରୁତର

**ସନ୍ତ୍ରୀଛକ, ୧୩।୪(ସନ୍ତୋଷ ପରିଡ଼ା)**

ବଣ୍ଟିଅଁରପାଳ ବ୍ଲକ ମହୀଧରପୁର ପଞ୍ଚାୟତ ସେରଣାବେଡା ଗ୍ରାମ ନିକଟରେ ବାଇକ୍ ଦୁର୍ଘଟଣାରେ ଉକ୍ତ ଗ୍ରାମର ଗିରୀଶ ନାଏକଙ୍କ ପୁଅ ଗୌରବ ନାଏକ(୫) ଗୁରୁତର ହୋଇଛନ୍ତି। ରବିବାର ସନ୍ଧ୍ୟା ୫ଟାରେ ସେରଣାବେଡାସ୍ଥିତ ମଙ୍ଗଳା ମନ୍ଦିର ନିକଟରେ ରାସ୍ତା ପାର୍ଶ୍ୱରେ ବାଳକ ଜଣକ ଛିଡ଼ା ହୋଇଥିଲେ। ଏହି ସମୟରେ ଏକ ବାଇକ୍ ଦ୍ରୁତଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ନାବାଳକଙ୍କୁ ଉଦ୍ଧାର କରି ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ଢେଙ୍କାନାଳ ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ସୋମବାର ଗୁରୁତରଙ୍କ ପରିବାର ଲୋକେ ମହୀଧରପୁର ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ବାଇକ୍‌କୁ ଜବତ କରିବା ସହ ଅଧିକ ତଦନ୍ତ ଚଳାଇଥିବା ଫାଣ୍ଡି ଅଧିକାରୀ ମାନସ କୁମାର ମିଶ୍ର ସୂଚନା ଦେଇଛନ୍ତି।

## ସୁଭଦ୍ରା ଖଣି କାର୍ଯ୍ୟକୁ ଗ୍ରାମବାସୀଙ୍କ ବିରୋଧ

**ଛେଣ୍ଡିପଦା, ୧୩।୪ (ଅଜିତ ଧଳ)**



ଗ୍ରାମବାସୀଙ୍କ ପକ୍ଷରୁ ସାଇଲୋ ନିର୍ମାଣକୁ ବିରୋଧ କରାଯାଉଛି।

ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା କଙ୍କରେଇ ଗାଁ ନିକଟରେ ଏମ୍‌ସିଏଲ୍‌ର ସୁଭଦ୍ରା କୋଇଲା ଖଣି ପରିଚାଳନା କେନ୍ଦ୍ର ବା ସାଇଲୋର ନିର୍ମାଣ କାର୍ଯ୍ୟକୁ ସୋମବାର ଗ୍ରାମବାସୀ ତୀବ୍ର ବିରୋଧ କରିଛନ୍ତି। ଫଳରେ ନିର୍ମାଣ କାର୍ଯ୍ୟ ବନ୍ଦ ରହିଛି।

ସୂଚନା ଅନୁଯାୟୀ, ଏମ୍‌ସିଏଲ ପକ୍ଷରୁ ଅନୁଗୋଳ ଜିଲାର ଛେଣ୍ଡିପଦା ଏବଂ କଙ୍କରାଇ, ପିଢ଼ଖମଣ, ବାଲିଚନ୍ଦ୍ରପୁର, ରାଇଝରଣ, କାଉଁଶିଡ଼ିପ, ଗୋଳାଗାଡିଆ, ଛୋଟବେରେଣୀ, କୁମୁଣ୍ଡା, ଭାଲୁଗାଡିଆ, ବାଘୁଆବୋଲ ଏବଂ ଜୟପୁର ସଂରକ୍ଷିତ ଜଙ୍ଗଲ ଆଦି ଗ୍ରାମ, ଅଞ୍ଚଳର ୧୧୧୧. ୮୫ ହେକ୍ଟର ସରକାରୀ ଓ ବେସରକାରୀ ଜମିରେ ଖଣିଖନନ କରିବାର ଯୋଜନା ରହିଛି। କିନ୍ତୁ ଏଯାଏ ଏମ୍‌ସିଏଲ୍ ପକ୍ଷରୁ କ୍ଷତିଗ୍ରସ୍ତ ହେବାକୁ ଥିବା ଜନସାଧାରଣଙ୍କ ଜମିର ଉଚିତ ମୂଲ୍ୟ ଦିଆଯାଇ ନାହିଁ କି ଥଇଥାନ, ନିଯୁକ୍ତି ପ୍ରଦାନ ଆଦି କରାଯାଇନାହିଁ। ଏହାସତ୍ତ୍ୱେ ଗ୍ରାମ ନିକଟସ୍ଥ ଏକ ସରକାରୀ ଜମିରେ ସିଏଚ୍‌ପି ଓ ସାଇଲୋ ପ୍ଲାଣ୍ଟ ବସାଇବା ପାଇଁ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏହା ଜାଣିବା ପରେ କଙ୍କରେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ସୋମବାର ସକାଳେ କେତେଜଣ କର୍ମଚାରୀ କାର୍ଯ୍ୟ କରୁଥିବା ବେଳେ ଗ୍ରାମ ସମ୍ପାଦକ ସାଧୁଚରଣ ବାରିକଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ପହଞ୍ଚି କମ୍ପାନୀ କାର୍ଯ୍ୟ ବନ୍ଦ କରିଥିଲେ। ଖବରପାଇ ନିଶା ଶିଳ୍ପାଞ୍ଚଳ ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା। ଗ୍ରାମବାସୀ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଡାକି ବୈଠକ କରାଯିବ ବୋଲି ଥାନା ଅଧିକାରୀ ବିବେକାନନ୍ଦ ମହନ୍ତ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଅନେକ ଥର ବୈଠକ କରାଯାଇଥିଲେ ମଧ୍ୟ ସମାଧାନର କୌଣସି ସୂତ୍ର ବାହାରିପାରି ନାହିଁ। ଗତ ୧୦ ତାରିଖରେ ଅନୁଗୋଳ ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ ଗ୍ରାମବାସୀ ଓ ଏମ୍‌ସିଏଲ୍ ସଭଦ୍ରା ଏରିଆ ଅଧିକାରୀମାନଙ୍କୁ ନେଇ ବୈଠକ କରାଯାଇଥିଲା। କିନ୍ତୁ ଉକ୍ତ ବୈଠକରୁ କୌଣସି ନିର୍ଯାସ ନ ବାହାରିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା।

